ଡ. ନନ୍ଦଲାଲ ବାରିକ

ଆଶାର ଧାମ ଓ ଅନୁରାଗ

ମୟୂର ପବ୍ଲିକେସନ୍ସ

Digitized by PPRACHIN, SOA

ରାଗର ନାମ ଅନୁରାଗ

ଡକ୍ଟର ବନମାଳୀ ବାରିକ

ମୟୂର ପବ୍ଲିକେସନ୍ସ

Digitized by PPRACHIN, SOA

ରାଗର ନାମ ଅନୁରାଗ

ଡକ୍‌ଟର ବନମାଳୀ ବାରିକ

ମୟୂର ପବ୍ଲିକେସନ୍‌ସ୍‌, ୧୯୮୮

ସ୍ନେହ ପ୍ରେସ, ଭୁବନେଶ୍ୱର-୧

ମୂଲ୍ୟ : ଦଶଟଙ୍କା

Ragara Nama Anuraga,

Dr. Banamali Barik

Mayur Publications, Bhubaneswar-1988

Sneha Press, Bhubaneswar-751001

Price : Rupees Ten only

Digitized by PPRACHIN, SOA

ନୀନା !

ତମେ ମୋର

କାବ୍ୟ ଏବଂ କଳ୍ପନାର

ଆଦିଗନ୍ତ ମଧୁର ମୂର୍ଚ୍ଛନା ।

Digitized by PPRACHIN, SOA

Digitized by PPRACHIN, SOA

ପ୍ରଥମ

ସ୍ତବକ

Digitized by PPRACHIN, SOA

Digitized by PPRACHIN, SOA

॥ ୧ ॥

ଦଗ୍‌ଧ ବନର ଚୂଡ଼ା ଛୁଇଁ ଛୁଇଁ
ଭସିଯାଏ ନୀଳ ମେଘର ଛାୟା
କାହା ବଇଁଶୀର ସୁରେ ସୁରେ ଆଜି
ଉଛୁଳେ ଜୀବନ ସବୁଜ ମାୟା ।
କାହାର କୁହୁକ କିମିଆଁ ପରଶେ
ଶାଖାରେ ଶାଖାରେ ଫୁଲର ଢେଉ
ଖିଆଲି ଆଖିର ଖାଲି ପିଆଲରେ
କିଏ ଢାଳିଦିଏ ଜୀବନ ମହୁ ।

—୦—

Digitized by PPRACHIN, SOA

॥ ୨ ॥

କେଉଁ ମରୁଗ୍ୱରୀ ଯାଯାବର ଆଜି
ନୀଳ ଝରଣ ର ଅବାକ୍ କୂଳେ
ନିଜ ଛାଇ ଦେଖ୍ ଚମକି ପଡ଼ିଲ
ଆଷାଢ଼ ଉଚ୍ଛୁଳା ସରମ ଜଳେ ।
କେତେ ବାଲିଝଡ଼ ଆଘାତ ହାଣିଛି
ଗ୍ୱଲୁ ଗ୍ୱଲୁ ତାର ଗହନବାଟେ
ଇନ୍ଦ୍ରଧନୁର କିମିଆଁ ଲଗାଏ
କିଏ ଆଜି ତାର ନିଃସ୍ୱ ଘାଟେ ।

—o—

Digitized by PPRACHIN, SOA

॥ ୩ ॥

ଅଜଣା କେଉଁ ଫୁଲର ବାସେ
ଅଟକି ଗଲା ବାଟୋଇ ଜଣେ
ରକତେ ତାର ଚହଟେ ନିଶା
ଅଳସ ଛୁଏ ନୟନ କୋଣେ ।
ଫୁଲର ପୁଣି ଏଡ଼ିକି ମାୟା
ଅବୁଝା କବି ଧିଆନ ଭଙ୍ଗେ
କବିତା ଭୁଲି ଜୀବନ ଆଜି
ପଗଣ ଛୁଆ ସେନେହେ ହଙ୍ଗେ ।

—୦—

Digitized by PPRACHIN, SOA

॥ ୪ ॥

ଦିଗହରା କେଉଁ ଝଡ଼ର ନାବିକ
କେଉଁ ଉପକୂଳେ ଆଜି
ବାନ୍ଧିଛି ତାର ଶୂନ୍ୟ ବୋଇତ
ଅତୀତ ଯାଇଛି ହଜି ।
ବୁଝିପାରେ ନାହିଁ ଦୁନିଆ ବେଭର
ଛାଇ ଆଲୁଅର ଖେଳ
କିଏ ଘେରାଇଲା ଦେହେ ମନେ ତାର
ପ୍ରୀତି ବୁଢ଼ିଆଣି ଜାଲ ।

-0-

Digitized by PPRACHIN, SOA

॥ ୫ ॥

ମେଘଟିଏ ଦିନେ ଭସି ଯାଉ ଯାଉ
କାହା ଆଖି ନୀଳ ଜଳେ
ସଗଗ ପଖିଳା ମମତା ହକଳା
ଦେଖିଲା ନିଜର ଛାଇ
ଅଟକିଲା ପାଦ ଦୁରୁ ଦୁରୁ ଛାତି
ପାଶୋରିଲା ନିଜ ଘହା
ନୀଳ ଆଖି ଜଳେ କିଏ ଦେଲା ବୋଲି
ନୂଆ ଜୀବନର ମାୟା ।

—o—

Digitized by PPRACHIN, SOA

॥ ୭ ॥

ଏଇ ବାଟେ ଗଲେ କେତେ ଗରବିଣୀ
ରୂପସୀ ତରୁଣୀ ଦଳ
ଆଖିରେ କାହାର ପ୍ରୀତିର ଇସାର
ଯଉବନ ଉତ୍ତାଳ ।
ଅକିଂଚନର କିବା ବଡ଼ପଣ
ମାଟିର ସପନ ତାର
ଭୀରୁ ପରିଧିରେ ଗଢ଼ିବାକୁ ଚାହେଁ
ପ୍ରୀତିର ରମ୍ୟ ପୁର ।

-୦-

Digitized by PPRACHIN, SOA

॥ ୭ ॥

ହଜିଯିବେ କାଲି ଦୁନିଆ ଦୂଆରୁ
ଧନିକ ବଣିକ ଦଳ
ଭାଂଗି ପଡ଼ିବ ରୂପାର ପାଚେରୀ
ସୁନାର ଚନ୍ଦ୍ରଶାଳା
କବିତାର ନୀଳ ସାଗର ଲହରୀ
ନୀତି ଛୁଇଁଥିବ କୂଳ
କବି ପାଦତଳେ ଝରି ପଡୁଥିବ
ଜାତିର ବରଣ ମାଳା ।

—୦—

Digitized by PPRACHIN, SOA

॥ ୮ ॥

କିଏ ସେ ଆସିଲା ନିର୍ଜନ ପଥେ
ଗୋପନ ପୀରତି ସାଥୀ
କହିଲା ତମକୁ ଭଲପାଏ କବି
ସୁନ୍ଦରୀ ସୁହାସିନୀ ।
ଚାଲ ଯିବା ହଜି ମଳୟ ଗଂଧେ
ଚଇତି ଜୋଛନା ରାତେ
ଆଖିର ପଲକେ କେଉଁଠି ହଜିଲା
ଅପ୍‌ସରୀ ମାୟାବିନୀ ।

—୦—

Digitized by PPRACHIN, SOA

॥ ୯ ॥

ପୀରତି ପଥର ଜଟିଳ ବେଖର
ତଥାପି ଖସିଲା ପାଦ
ଜାଣୁ ଜାଣୁ ହାୟ ଭେଗିବାକୁ ହେଲା
ଲାଂଛନା ପରମାଦ ।
କାଲି ଯିଏ ଦେଲା ଆଖିର ଇସାରା
ଆଜି ଯାଏ ବାଟ କାଟି
କାଲି ଯିଏ ଦେଲା ଫୁଲର ପାଖୁଡା
ଆଜି ଫିଙ୍ଗିଲାଣି ମାଟି ।

—୦—

Digitized by PPRACHIN, SOA

॥ ୧୦ ॥

ନୂଆ ମେଘ ଦେଖି ବଣର ମୟୂର
ଦର ଆଷାଢ଼ର ଭଷା
ପର୍ଢ଼ିପାରେ ନିଜ ଡେଣାରେ ଡେଣାରେ
ସପନ ପାଲଟେ ଆଶା ।
ଶୁଷ୍କ ବନାନୀ ରୁକ୍ଷ ତରୁରେ
ଛଇଁ ଯିବ ମେଘ ସତେ
କବିର କଲମ ଚମକି ଉଠିବ
ବରଷା ଆକୁଳ ଗତେ ।

–୦–

Digitized by PPRACHIN, SOA

॥ ୧୧ ॥

ନଥିଲା ଜାଣି କବି
ତା ପାଇଁ ଜଣେ କେହି
ରହିଚି ଉଜାଗରେ
ରହିଚି ବାଟ ଗ୍ରହିଁ
ଢେଉଦରିଆରେ
ଦଦରା ନାବ ପାଇଁ
ଯେ ଥିଲା ଗ୍ରହିଁ ବାଟ
ଜାହାଜ ଲଗେ ଯାଇ ।

—୦—

Digitized by PPRACHIN, SOA

॥ ୧୨ ॥

ଯାହାକୁ କହିଲା କବି–'ଧର ହାତ
ରଚିବା ସୁଖର ନୀଡ଼'
ହିସାବ ମାଗିଲା–'ଧନ ଦଉଲତ
କାହିଁ ଗାଡ଼ି କୋଠାଘର'
ଯାହାକୁ ଡାକିଲା–ସଂଗିନୀ ଚାଲ
ଯିବା ଦୂର ପଥେ ଉଡ଼ି'
କହିଲା କିଶୋରୀ–'କାଟିବି କିପରି
ଜାତି ସମାଜର ଡୋର' ?

–o–

Digitized by PPRACHIN, SOA

॥ ୧୩ ॥

ପ୍ରଗତି ଯୁଗର କବି କିଏ କହେ
ଜାତି ଭେଦ ସବୁ ମିଛ
ଝିଅର ଯୋଟକ ପଡ଼ିଲା ବେଳକୁ
କହିଲେ ଜାତିରୁ ବାଛ ।
ପୁଂଜିପତିର ଶତ୍ରୁ କହିଲା–
ଜାଗରେ ସର୍ବହରା
ଭଉଣୀ ପାଇଁ କି ବର ବଛା ବେଳେ
ବୁନିଆଦି ହେଲା ସାର ।

–0–

Digitized by PPRACHIN, SOA

॥ ୧୪ ॥

ଶାସ୍ତ୍ର ଚକଟି କହିଲେ ବିଜ୍ଞ
ରକ୍ତରେ ନାହିଁ ଭେଦ
ଇତର କୂଳରେ କନ୍ୟା ଦେବାକୁ
ଗଣିଲେ ସେ ପରମାଦ ।
ଯୋଗ୍ୟତା ହେଉ ଯୁଗର ଭୂଷଣ
କହିଲେ ସଂସ୍କାରକ
ନିଜ ଘର ପାଇଁ ଖୋଜି ବାହାରିଲେ
ବଡ ଘୁକିରୀର ଭେକ ।

—୦—

Digitized by PPRACHIN, SOA

॥ ୧୫ ॥

ଧନ୍ୟ ଆମର ପଣ୍ଡିତ କୁଳ
ଧନ୍ୟ ସମାଜ ପତି
ଧନ୍ୟ ତାଙ୍କର ଅକଲ ବକଲ
ଧନ୍ୟ ଦୋମୁହାଁ ନୀତି ।
ଦୁଆରୁ ଦୁଆରୁ ବୁଲି ବୁଲି ବୁଲି
ଫେରିଲ କ୍ଳାନ୍ତ କବି
ଏଇ ଆମ ଦେଶ ଆମର ସମାଜ
ବାହାର ଭିତର ଛବି ।

—୦—

Digitized by PPRACHIN, SOA

॥ ୧୬ ॥

ସବୁ ଅପମାନ ସବୁ ପ୍ରତାରଣା
ଶେଷରେ ପାହିଛି ଗତି
କାହାର ଅଛୁଆଁ ତୂଳୀରେ ଫଟିଛି
ଜୀବନର ନୂଆ ଗୀତି ।
କାହା ବାଟ ଗୁହିଁ ରହିଛି ବାଟୋଇ
ବଂଧୁ ହେବକି ଦେଖା ?
ମାଟି କୁଡ଼ିଆର ନିଭୃତ ସ୍ନେହେ
କାବ୍ୟ କି ହେବ ଲେଖା ?

—o—

Digitized by PPRACHIN, SOA

ଦ୍ୱିତୀୟ
ସ୍ତବକ

Digitized by PPRACHIN, SOA

Digitized by PPRACHIN, SOA

॥ ୯ ॥

କବି ଆଜି ଗାଏ ବଧୂ ବଂଦନା
ପରାଣ ମମତା ରସେ
ଯେଉଁ ଗୀତ ଶୁଣି ମହାନଦୀ ପାଣି
ଚମକିବ ଅନୁରାଗେ ।
ଲିଂଗରାଜର ପଥର ବାଡ଼ରେ
ଶିହରଣ ଯିବ ଛୁଇଁ
ଦୂର ମେଘମାଳା ଆତୁରେ ଗୃହିଁବେ
ଅଟକି ଆକାଶ ଭରେ ।

—୦—

Digitized by PPRACHIN, SOA

॥ ୨ ॥

ସ୍ୱର୍ଗର ସୁଖ ସଂଭୋଗ ତେଜି
କେଉଁ ଭଗୀରଥ କଥାରେ ଭୁଲି
ଧୂଳି ମାଟି ପରେ ବହିଯିବା ଲାଗି
ମନ୍ଦାକିନୀ ଗୋ ଆସିଲ ଚୁଲି ।
ଦୁନିଆର ପଥ ବଡ଼ ଦୁର୍ଗମ
ପାଦରେ ବାଜିବ କଣ୍ଟା କେତେ
ଅଶ୍ରୁ ରୁଧିର ପାରିବ କି ପୋଛି
ମନ୍ଦାକିନୀ ଗୋ କୋମଳ ହାତେ ।

—୦—

Digitized by PPRACHIN, SOA

॥ ୩ ॥

ସାଗର ବେଳାରେ ସେ କେଉଁ ଶାମୁକା
ଆକାଶେ ରହିଚି ଗ୍ରହିଁ
ଆଷାଢ଼ ପ୍ରଥମ ବିନ୍ଦୁଟି ଲାଗି
କେତେ ଯୁଗ ଗଲା ବହି ।
ଆକାଶୁ ଖସିଲା ଆଜି ସେ ବିନ୍ଦୁ
କିପରି ଆଚମ୍ବିତେ
ଦେହରେ ଖେଳାଇ ପୁଲକ ବନ୍ୟା
ସ୍ୱପ୍ନ ହସିଲା ସତେ ।

—o—

Digitized by PPRACHIN, SOA

॥ ୪ ॥

ଦୂର ନଇ ତେଜି ରୂପସୀ ଚପଳା
　　　　　　　　　　ମାଟିରେ ପଡ଼ିଲା ଖସି
ଧୂଳି ଧୂସରିତ ମଣିଷ କିପରି
　　　　　　　　　　ଛୁଇଁବ ତା ରୂପଗଣି ।
ଅଭଜନ କବି ବନ୍ଦନା ତାର
　　　　　　　　　　ଲେଖିବାକୁ ସିନା ଗ୍ୱହେଁ
ଜାଣିଛ କି କେହି ରୂପର ମହିମା
　　　　　　　　　　କବିତାରେ ଧରି ଦିଏ ?

–୦–

Digitized by PPRACHIN, SOA

॥ ୪ ॥

ଭଂଗା ଦେଉଳେ କିଏ ପୂଜାରିଣୀ

ଜଳାଅ ପ୍ରଦୀପ ଶିଖା

କିଏ ତୁମେ ଉମା ଶମଶାନବାସୀ

ଶିବ ବଂଦନା କର ।

ଗଜ ଉଆସର ସୁଖ ସଂଭୋଗ

କିପାଇଁ ପାଶୋରି ହେଲେ

କର୍କଶ ଶିଳା ବଂଧୁର ପଥ

ବାଛି ନିଅ ଆପଣାର ।

—୦—

Digitized by PPRACHIN, SOA

॥ ୭ ॥

ନିଃସ୍ୱ କବିର ପର୍ଣ୍ଣ କୁଟୀରେ
କବି ବଧୂ ଆଜି ଆସେ
ଅଭିଶାପ ଘେନି କେଉଁ କିନ୍ନରୀ
ଉଭାହୁଏ ଦୀନ ବାସେ ।
ପାଦତଳେ ତାର ରକ୍ତ ଜବାର
ସ୍ୱର୍ଗ ଆସିବି ନଇଁ
ଦୁଇ ଆଖି ତଳେ ହଜି ହଜି ଯାଏ
ଶରତର ନୀଳ କଇଁ ।

--୦--

Digitized by PPRACHIN, SOA

॥ ୭ ॥

ଦେହ ବିଦେହର ସୀମା ଖୋଜୁ ଖୋଜୁ
ବହୁଦିନ ଗଲା ବିତି
ଶାସ୍ତ୍ର କିତାବ ସବୁ ହେଲା ମିଛ
ତର୍କେ ପାହିଲା ଗତି ।
ଯେଉଁ ଦିନ ବଧୂ କୋମଳ ଅଧରେ
ଛୁଇଁଲା ଜୀବନ ଗୀତି
ଦେହ ଓ ବିଦେହ ହେଲା ଏକାକାର
ମାଟି ହୋଇଗଲା ମୋତି ।

—O—

Digitized by PPRACHIN, SOA

॥ ୮ ॥

ଶବ୍ଦରେ ଆଜି ସବୁ ଉପଚାର
ଶବ୍ଦରେ ଆବାହନ
କବି ନିକଟରେ ହୀରା ନୀଳା ମୋତି
ସବୁ ତ ମୂଲ୍ୟହୀନ ।
ଶବ୍ଦରେ ଆଜି ବଧୂର ବଧାଇ
ଶବ୍ଦରେ ତାର ପୂଜା
ଏହାଠାରୁ ବଳି ବଡ଼ ଗଉରବ
ପାଇଛି କି କେଉଁ ରଜା ।

—୦—

Digitized by PPRACHIN, SOA

॥ ୯ ॥

ଆଷାଢ଼ ଆକାଶରେ
ମେଘର ପଲଟଣ
କେବେ ବା ଅବିରମ
ବରଷାଯାଏ ଝରି
ଆସିଛି ବଧୂ ଆଜି
ଝରଇ ମଧୁ ଧାର
ଉଛୁଳେ ଦେହ ମନ
ପାହାଡ଼ି ନଈପରି ।

—୦—

Digitized by PPRACHIN, SOA

॥ ୧୦ ॥

କେଶବତୀ କେଶ ଗହନ ବନରେ
ହଜିଛି କବିର ଭଷା
ପାହିଛି ଉଆଁସି ବଂଧୁର ଗତି
ଆସିଛି ନବୀନ ଉଷା ।
ଜାଗିଛି କାମନା ଜାଗିଛି ବାସନା
ଜାଗିଛି ସପନ ନଦୀ
କୂଳ ଡେଇଁ ଆଜି ଉଚ୍ଛୁଳି ଉଠୁଛି
ମମତାର ମହୋଦଧି ।

-୦-

Digitized by PPRACHIN, SOA

॥ ୧୧ ॥

ଲଜ୍ଜବତୀ ଆଜି ଲଜ୍ଜେ ଜୁଡ଼ୁ ବୁଡ଼ୁ

କହିପାରେ ନାହିଁ କଥା

ଚଉଠି ଗତିର ମିଠା ଅଂଧାରେ

ମିଠା ମିଠା ନୀରବତା ।

ଜଣା ଓ ଅଜଣା ଯେତେ ପରିଚୟ

ସବୁ ହୁଏ ଏକାକାର

ମାଟି କୁଡ଼ିଆରେ ସଂଭବେ ଆଜି

ଅମୃତ ଅଭିସାର ।

—o—

Digitized by PPRACHIN, SOA

॥ ୧୨ ॥

ଧନର ମଣିଷ ବଦଳରେ କବି
ମନର ମଣିଷ ଗୃହେଁ
ସ୍ୱାର୍ଥ ଯାହାକୁ ପାରେ ନାହିଁ ଛୁଇଁ
ହିଂସା ଦୂରରେ ରହେ ।
ସେଇ ଆଜି ବଧୂ କବିର ବଂଧୁ
ଜୀବନର ପ୍ରିୟ ସାଥୀ
ଭରି ଦେଇ ଅଛି ବେସୁର ବୀଣାରେ
ପ୍ରୀତିର ପୂଣ୍ୟ ଗୀତି ।

--o--

Digitized by PPRACHIN, SOA

॥ ୧୩ ॥

କେତେ ବିଦ୍ରୋହ କେତେ ସଂଗ୍ରାମ
କେତେ କେତେ ଅଭିମାନ
ବଧୂର ମଧୁର ଆଶ୍ଳେଷେ ଆଜି
ହେଲା ତାର ସମାଧାନ ।
ଭାଗ୍ୟ ନିୟତି ବିଧିର ବିଧାନ
ଈଶ୍ୱର ଭଗବାନ
ସବୁ ଭୁଲି କବି ଗାଇବାକୁ ଗ୍ୱହେଁ
ମଣିଷର ଜୟଗାନ ।

–o–

Digitized by PPRACHIN, SOA

॥ ୧୪ ॥

ମାଟିରେ ଫଗୁଣ ମନର ଫଗୁଣ
ହସେ ଆଜି କାହା ପାଇଁ
ଜଡ଼ ହୋଇଯାଏ ଗତ ଅନାଗତ
ବଧୂ ଯେବେ ଦିଏ ଛୁଇଁ ।
ହାୟ ସେ ଛୁଆଁରେ ଏତେ ଉଲ୍ଲାସ
ଏତେ ଅଭିନବ କଥା
ଦେହର କୁଂଜେ ଏ କି ଉତ୍ସବ
ଶୁଣାଏ ନବୀନ ଗାଥା ।

—o—

Digitized by PPRACHIN, SOA

॥ ୧୪ ॥

ଧୂଳିର ଧରଣୀ ଆଜି ମଧୁରେ
ସପନେ ଆମ୍ବହରା
ବହୁ ଝଡ଼ ବହୁ ଝଂକାର ଶେଷେ
ବିତିଲା ବିଷମ ଘଡ଼ି ।
କବିର ଧୂସର ଜୀବନ ପଥରେ
ବରଷି ଯାଉଛି ଫୁଲ
ବନ୍ଧୁ ଜାଣେ କିବା କୁହୁକ କିମିଆଁ
କିବା ତାର କରାମତି ।

—o—

Digitized by PPRACHIN, SOA

॥ ୧୬ ॥

ମନ ଯମୁନାର ଉଛୁଳା ଜଳରେ
ଭସି ଭସି ଭସି
କେଉଁ ଦୂର ଘାଟେ କିଏ ଅଟକିବ
ନାହିଁ ତାର ଅବକାଶ ।
କବି ଗାଉ ଥାଉ ମାଟିର ଗଜଲ
ନିତି ନୂଆ ନୂଆ ସୁରେ
ସୋହାଗିନୀ ବଧୂ ଢାଳି ଦେଉ ମଧୁ
ଭୁଲି ସବୁ ଅବଶୋଷ ।

—o—

Digitized by PPRACHIN, SOA